Anupam Bharat

# ଚୌଦ୍ୱାରରେ ପାର୍ଶ୍ୱବର୍ତ୍ତୀ ଜାତୀୟ ପୁଷ୍ଟି ସପ୍ତାହ ପାଳିତ

ଚୌଦ୍ୱାର, ୮।୯(ଅନୁପମ୍ ମିଡ଼ିଆ): ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ଆନୁକୁଲ୍ୟରେ ଜାତୀୟ ପୁଷ୍ଟି ସପ୍ତାହ ପାଳିତ ହୋଇ ଯାଇଛି । ଫାଉଣ୍ଡେସନ ତରଫରୁ ଚୌଦ୍ୱାର ପାର୍ଶ୍ୱବର୍ତ୍ତି ଗ୍ରାମାଞ୍ଚଳ ବନ୍ଦାଳ, ବରହମପୁର, ବେରେଣା,ମହିସାଲଣ୍ଡା ।ଦି ଗ୍ରାମରେ ମହିଳା ସମାବେଶ ମାନ ଆୟୋଜନ କରାଯାଇ ଗର୍ଭବତୀ,ପ୍ରସୁତି,କିଶୋରୀ ବାଳିକା ଓ ଶିଶୁ ମାନଙ୍କ ଠାରେ ଦେଖା ଦେଉଥିବା ଅପପୁଷ୍ଟିର କାରଣ ଓ ଏହାର ନିରାକରଣ, ସୁଷମ ଖାଦ୍ୟ ପ୍ରସ୍ତୁତି ଓ ସନ୍ତୁଳିତ ଖାଦ୍ୟ ଗ୍ରହଣ ଉପରେ ମହିଳା ମାନଙ୍କୁ ସଚେତିତ କରାଯାଇଥିଲା ।ଏହି ଅବସରରେ ସୁଷମ ଖାଦ୍ୟ ପ୍ରଦର୍ଶନୀ ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତି କାର୍ଯ୍ୟକ୍ରମ ଓ ପ୍ରଦର୍ଶନୀ ମାନ ଆୟୋଜନ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟରେ ଅଂଗନଓ୍ୱାଡ଼ି କର୍ମୀ,ସହାୟିକା, ଆଶାକର୍ମୀ ,ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ତଥା ସ୍ଥାନୀୟ ମହିଳା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଇମ୍ଫାର ସିନିୟର ମ୍ୟାନେଜର ମାନସ ରଞ୍ଜନ ପ୍ରଧାନ, ବିଆଇପିଏଫ ଅଧିକାରୀ ଆଶିଷ ଦାସ, ଚନ୍ଦ୍ର ଶେଖର ମହାପାତ୍ର, ଜ୍ଞାନ ରଞ୍ଜନ ବେହେରା, ଶୁଭଶ୍ରୀ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ମଙ୍ଗରାଜପୁର, ବରହମପୁର, ମହିସାଲଣ୍ଡା, ବାଣୀପଦା ଆଦି ପଞ୍ଚାୟତର ସରପଞ୍ଚ , ସମିତି ସଦସ୍ୟ, ଓ ସ୍ଥାନୀୟ ବହୁ ନାଗରିକ ଏଥିରେ ଯୋଗଦେଇ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ ।ଇମ୍ଫା ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଏସ୍‌ୟୁସିଆଇ(ସି)ର ବାରଙ୍ଗ ଆଞ୍ଚଳିକ କମିଟି    ବିଭିନ୍ନ ଯୋଜନା ଘୋଷଣା କରାଯିବା ସ୍ଥଳେ

SURYAPRAVA

# ଜାତୀୟ ପୁଷ୍ଟି ସପ୍ତାହ ପାଳିତ

।। ପ୍ରଭାନ୍ୟୁଜ୍ ।। ଚୌଦ୍ୱାର, ୮।୯ : ଇମ୍ଫା ଶିଳ୍ପଗୋଷ୍ଠୀର ସାମାଜିକ ଦାୟିତ୍ୱବୋଧ ଶାଖା ବଂଶୀଧର ଇଲାପଣ୍ଡା ଫାଉଣ୍ଡେସନ୍ ତରଫରୁ ଜାତୀୟ ପୁଷ୍ଟି ସପ୍ତାହ ବିଭିନ୍ନ ପଞ୍ଚାୟତରେ ପାଳିତ ହୋଇଯାଇଛି । ଟାଙ୍ଗୀ ଚୌଦ୍ୱାର ବ୍ଲକର ବାଣିପଦାର ବନ୍ଦାଳ, ବରହମପୁର ପଞ୍ଚାୟତ, ମଙ୍ଗରାଜପୁର ପଞ୍ଚାୟତର ବେରେଣା ଓ ମହିଂଷାଲଣ୍ଡାର ସ୍ୱୟଂ ସହାୟକ ଗୋଷ୍ଠୀ, ଗର୍ଭବତୀ ମହିଳା ଓ




କିଶୋରୀମାନେ ଯୋଗଦେଇଥିଲେ । ମହିଳାମାନେ କିପରି ପୁଷ୍ଟିକର ଖାଦ୍ୟ ପୋଷଣ କରିବେ ବିଶେଷକରି ଗର୍ଭବତୀ ସମୟରେ କିପରି ନିଜର ଦାଇତ୍ୱ ନେବେ ଏହା ଉପରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡି, ଆଶାକର୍ମୀ, ଏଏନଏମ ସଦସ୍ୟ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସୁଷମ ଖାଦ୍ୟ ଖାଇବାଦ୍ୱାରା ମା' ଓ ଶିଶୁର ସୁରକ୍ଷା ହେବା ସହିତ ପରିବାର ରୋଗମୁକ୍ତ ହୋଇପାରିବ ବୋଲି ଆଲୋଚନା କରାଯାଇଥିଲା । ଏଥିସହିତ ସୁଷମ ଖାଦ୍ୟ ପ୍ରଦର୍ଶନ ଓ ପୁଷ୍ଟିକର ଖାଦ୍ୟ ପ୍ରଣାଳୀ ଉପରେ ଆଲୋକପାତ କରାଯାଇଥିଲା । ଇମ୍ଫା ଶିଳ୍ପଗୋଷ୍ଠୀର ବଂଶୀଧର ଇଲ୍ଲା ପଣ୍ଡା ଫାଉଣ୍ଡେସନର ଅଧିକାରୀ ଆଶିଷ ଦାସ, ଚନ୍ଦ୍ରଶେଖର ମହାପାତ୍ର, ଜ୍ଞାନରଞ୍ଜନ ବେହେରା, ଶୁଭଶ୍ରୀ ନାୟକ ଓ ବରିଷ୍ଠ ଲୋକସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

Pragativadi

# ଜାତୀୟ ପୁଷ୍ଟି ସପ୍ତାହ ପାଳିତ

• ଚୌଦ୍ୱାର (ପିଏନଏସ)

ଇମ୍ଫା ଶିଳ୍ପ ଗୋଷ୍ଠିର ସାମାଜିକ ଦାୟୀତ୍ୱ ବୋଧ ଶାଖା ବଂଶିଧର ଇଲାପଣ୍ଡା ଫାଉଣ୍ଡେସନ୍ ତରଫରୁ ଜାତୀୟ ପୃଷ୍ଟି ସପ୍ତାହ ବିଭିନ୍ନ ପଞ୍ଚାୟତରେ ପାଳିତ ହୋଇଯାଇଛି । ଟାଙ୍ଗୀ ଚୌଦ୍ୱାର ବ୍ଲକର ବାଣିପଦାର ବନ୍ଦାଳ , ବରହମପୁର ପଞ୍ଚାୟତ ,ମଙ୍ଗରାଜପୁର ପଞ୍ଚାୟତର ବେରେଣା ଓ ମହିଂଷା ଲଣ୍ଡା ର ସ୍ୱୟଂ ସହାୟକ ଗୋଷ୍ଠି , ଗର୍ଭବତୀ ମହିଳା ଓ କିଶୋରୀ ମାନେ ଯୋଗଦେଇଥିଲେ ।ମହିଳାମାନେ କିପରି ପୃଷ୍ଟିକର ଖାଦ୍ୟ ପୋଷଣ କରିବେ ବିଶେଷକରି ଗର୍ଭବତୀ ସମୟରେ କିପରି ନିଜର ଦାଇତ୍ୱ ନେବେ ଏହା ଉପରେ ଆଲୋଚନା କରାଯାଇଥିଲା ।ଅନ୍ୟମାନଙ୍କ ମଧ୍ୟରେ ଅଙ୍ଗନବାଡି , ଆଶାକର୍ମି , ଏ.ଏନ.ଏମ. ସଦସ୍ୟ ଯୋଗଦେଇଥିଲେ । ଏଥିସହିତ ସୁଷମ ଖାଦ୍ୟ ପ୍ରଦର୍ଶନ ଓ ପୃଷ୍ଟିକର ଖାଦ୍ୟ ପ୍ରଣାଳି ଉପରେ ଆଲୋକପାତ କରାଯାଇଥିଲା । ଇମ୍ଫା ଶିଳ୍ପ ଗୋଷ୍ଠିର ବଂଶିଧର ଇଲ୍ଲା ପଣ୍ଡା ଫାଉଣ୍ଡେସନର ଅଧିକାରୀ ଆଶିସ ଦାସ ,ଚନ୍ଦ୍ର ଶେଖର ମହାପାତ୍ର ,ଜ୍ଞାନରଞ୍ଜନ ବେହେରା ,ଶୁଭଶ୍ରୀ ନାୟକ ଓ ବରିଷ୍ଠ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

